# ସମ୍ବାଦ

# ତାରିଖ: ୨୬.୦୭.୨୦୨୫

## ବିଆଇଆଇଟିଏମ୍‌ରେ ବିଶାଳ ରକ୍ତଦାନ ଶିବିର

# ୭୫ ୟୁନିଟ୍ ସଂଗୃହୀତ



ଚନ୍ଦ୍ରଶେଖରପୁର, ୨୫/୭(ଇମିସ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫର୍‌ମେସନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍(ବିଆଇଆଇଟିଏମ୍)ର ପ୍ରତିଷ୍ଠାତା ଅଧ୍ୟକ୍ଷ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବିଆଇଆଇଟିଏମ୍ ନିର୍ଦ୍ଦେଶକ ପ୍ରତାପ ବଳବନ୍ତରାୟଙ୍କ ଉଦ୍ୟମରେ ବିଆଇଆଇଟିଏମ୍ କ୍ୟାମ୍ପସ୍‌ରେ 'ସମ୍ବାଦ-ଆମ ଓଡ଼ିଶା'ର ସହଯୋଗରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା। ଇନ୍‌ଫୋସିଟିସ୍ଥିତ ବିଆଇଆଇଟିଏମ୍‌ରେ ଅନୁଷ୍ଠିତ ଶିବିରରେ ଭୁବନେଶ୍ୱର ଏମ୍ସର ପୂର୍ବତନ ରେଜିଷ୍ଟ୍ରାର ତଥା ରାଞ୍ଚି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ।

ବିଆଇଆଇଟିଏମ୍ ଅଧ୍ୟକ୍ଷ ଡ. ମିହିର ରଞ୍ଜନ ନାୟକ, ଭାରତୀୟ ରେଡ୍‌କ୍ରସ୍ ଓଡ଼ିଶା ଶାଖା ରକ୍ତକେନ୍ଦ୍ରର ମେଡିକାଲ୍ ଅଫିସର ଡା. ରଘୁନାଥ ବେହୁରା, 'ଆମ ଓଡ଼ିଶା'ର ରକ୍ତଦାନ କାର୍ଯ୍ୟକ୍ରମ ସଂଯୋଜକ ପ୍ରଭଞ୍ଜନ ପାଣିଗ୍ରାହୀ, 'ସମ୍ବାଦ' ବରିଷ୍ଠ ସାମ୍ବାଦିକ କେଶବ ପାଣି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡିନ୍ ପ୍ରଫେସର ଚିନ୍ମୟ ଦାସ ଓ ପି ଆର୍ ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ। ବିଆଇଆଇଟିଏମ୍ ଏନ୍‌ଏସ୍‌ଏସ୍ ଟିମ୍ ଶିବିର ପରିଚାଳନାରେ ସହାୟତା କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ସହକର୍ମୀଙ୍କ ସମେତ ମୋଟ୍ ୭୫ ଜଣ ରକ୍ତଦାତା ଶିବିରରେ ରକ୍ତଦାନ କରିଥିଲେ। ଭାରତୀୟ ରେଡ୍‌କ୍ରସ୍ ରକ୍ତକେନ୍ଦ୍ରର ସହକର୍ମୀମାନେ